# NATIONAL NEWS BULLETIN (ODIA)
## 28th October - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ଙ୍କ ମଧ୍ୟରେ ଆଜି ଗୁଜରାଟର ଭଦୋଦରାଠାରେ ଦ୍ୱିପକ୍ଷୀୟ ଆଲୋଚନା ଅନୁଷ୍ଠିତ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଧନ୍ୱନ୍ତରୀ ଜୟନ୍ତୀ ଓ ଆୟୁର୍ବେଦ ଦିବସ ଅବସରରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କରିବେ ଲୋକାର୍ପଣ ଓ ଶିଳାନ୍ୟାସ ।

— ଆଭାସୀ ଜରିଆରେ ଦେଶବ୍ୟାପୀ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ବଣ୍ଟନ କରିବେ ନିଯୁକ୍ତିପତ୍ର ।

- ନୌସେନାଦ୍ୱାରା ନୂଆଦିଲ୍ଲୀରେ ଆୟୋଜିତ 'ସ୍ୱାବଲମ୍ବନ-୨୦୨୪'କୁ ଉଦ୍‌ଘାଟନ କଲେ ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦୀନେଶ କୁମାର ତ୍ରିପାଠୀ ।

ଏବଂ

- ଗାଜା ଷ୍ଟ୍ରିପ୍‌ଠାରେ ଏକ ସ୍ୱଳ୍ପକାଳୀନ ଯୁଦ୍ଧବିରତି ସମ୍ପର୍କିତ ଇଜିପ୍ଟ ରାଷ୍ଟ୍ରପତିଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କଲେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ।

## ଇଣ୍ଡିଆ ସ୍ପେନ୍ ଟକ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍‌ଙ୍କ ମଧ୍ୟରେ ଆଜି ଗୁଜରାଟର ଭଦୋଦରାଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷୀୟ ଆଲୋଚନା ହୋଇଛି । ବାଣିଜ୍ୟ ଓ ପୁଞ୍ଜିନିବେଶ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନତା, ପ୍ରତିରକ୍ଷା, ନିରାପତ୍ତା, ନବୀକରଣୀୟ ଶକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ନେତା ସହମତ ହୋଇଛନ୍ତି । ଏହାଛଡ଼ା ୟୁକ୍ରେନ୍ ଓ ପଶ୍ଚିମ ଏସିଆ ପ୍ରସଙ୍ଗ ସମେତ ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାଯାଇଛି । ସେହିଭଳି ଶ୍ରୀ ମୋଦି ଏବଂ ଶ୍ରୀ ସାଞ୍ଚେଜ୍‌ଙ୍କ ନେତୃତ୍ୱରେ ଉଭୟ ଦେଶର ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

ଭଦୋଦରାଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପଶ୍ଚିମାଞ୍ଚଳ ସଚିବ ତନ୍ମୟ ଲାଲ୍ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆଜି

ରେଳ, ପୁଞ୍ଜିନିବେଶ, ସାଂସ୍କୃତିକ ଆଦାନପ୍ରଦାନ, ବହିଃଶୁଳ୍କ ଆଦି କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ କେତେଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଆଗାମୀ ୨୦୨୬କୁ ଭାରତ ଓ ସ୍ପେନ୍ ସଂସ୍କୃତି, ପର୍ଯ୍ୟଟନ ଏବଂ କୃତ୍ରିମ ବୁଦ୍ଧିମତ୍ତାର ବର୍ଷ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବର୍ତ୍ତମାନ ଭାରତରେ ୨୪୦ଟି ସ୍ପେନ୍ କମ୍ପାନୀ କାର୍ଯ୍ୟ କରୁଥିବାବେଳେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷୀୟ ବାଣିଜ୍ୟିକ କାରବାର ବର୍ତ୍ତମାନ ୧୦ ବିଲିୟନ ଡଲାର ଛୁଇଁଥିବା ଶ୍ରୀ ଲାଲ୍ ସୂଚନା ଦେଇଛନ୍ତି ।

## ପି.ଏମ୍. ମୋଦି ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଜଳ ସଂରକ୍ଷଣ ଦିଗରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ଆଜି ଗୁଜରାଟର ଆମ୍ରେଲିଠାରେ ପ୍ରାୟ ୪ ହଜାର ୮୦୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ମୋଦି କହିଛନ୍ତି, ବି.ଜେ.ପି. ନେତୃତ୍ୱାଧୀନ ସରକାରଙ୍କ ଶାସନକାଳରେ ଗୁଜରାଟରେ ବହୁବିଧ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି । ଏହାର ଫଳସ୍ୱରୂପ ରାଜ୍ୟର ସର୍ବାଙ୍ଗୀନ ବିକାଶ ସହିତ କୃଷକମାନଙ୍କର ସମୃଦ୍ଧି ସମ୍ଭବ ହୋଇପାରିଛି । ସେହିଭଳି ସୌରାଷ୍ଟ୍ର ଭଳି

ଅଞ୍ଚଳରେ ଜଳର ସୁବିଧା ଯୋଗାଇଦେବା ଦିଗରେ ମଧ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ସାଉନି ଯୋଜନା ସମେତ ଅନ୍ୟାନ୍ୟ ପଦକ୍ଷେପ ଉପରେ ଶ୍ରୀ ମୋଦି ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଆଜି ଯେଉଁ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହୋଇଛି, ସେଗୁଡ଼ିକ୍ ରାଜ୍ୟର ସୌରାଷ୍ଟ୍ର, କଚ୍, ଜୁନାଗଡ଼, ପୋର୍‌ବନ୍ଦର, କଚ୍ଛ ଏବଂ ବେତାଡ୍ ଜିଲ୍ଲାବାସୀ ବିଶେଷ ଉପକୃତ ହୋଇପାରିବେ । ବୋଟାଡ୍, ଆମ୍ରେଲି, ଜୁନାଗଡ଼, ରାଜକୋଟ୍ ଏବଂ ପୋର୍‌ବନ୍ଦର ଜିଲ୍ଲାର ୧୨ ଶହରୁ ଅଧିକ ଗ୍ରାମର ପ୍ରାୟ ୬୭ ଲକ୍ଷ ଲୋକଙ୍କୁ ନଭଡ଼ା-ଚାଭାନ୍ଦ ପାଇପ୍‌ଲାଇନ୍ ଯୋଗେ ଅତିରିକ୍ତ ୨୮ କୋଟି ଲିଟର ପାଣି ଯୋଗାଇ ଦିଆଯାଇପାରିବ ବୋଲି ଶ୍ରୀ ମୋଦି କହିଛନ୍ତି । ଏତଦ୍‌ବ୍ୟତୀତ ବିଶିଷ୍ଟ ଶିଳ୍ପପତି ସବ୍‌ଜୀ ଭାଇ ଢାଲ୍‌କିଆଙ୍କଦ୍ୱାରା ରାଜ୍ୟରେ ଜଳ ସଂରକ୍ଷଣ ଦିଗରେ କରାଯାଉଥିବା ପ୍ରଚେଷ୍ଟାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ଆଜି ଉଦ୍‌ଘାଟିତ ହୋଇଥିବା ପ୍ରମୁଖ ରେଳ ପ୍ରକଳ୍ପ ମଧ୍ୟରେ ୧୦୧ ଦଶମିକ ୪ କିଲୋମିଟର ଦୀର୍ଘ ଭୁଜ୍-ନାଲିୟା ରେଳ ଲାଇନ୍‌ର ଗଜ୍ ପରିବର୍ତ୍ତନ ଅନ୍ତର୍ଭୁକ୍ତ । ଏହାଦ୍ୱାରା କଚ୍'ର ରାନ୍ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ସେହିଭଳି ଜାତୀୟ ରାଜପଥ ୫୧, ୧୫୧ ଓ ୧୫୧ଏ'ର କେତେକ ସେକ୍ସନକୁ ଚାରି ଲାଇନ୍ ବିଶିଷ୍ଟ କରାଯାଇ ଲୋକାର୍ପଣ କରାଯାଇଛି । ଏହାଛଡ଼ା ପୋର୍‌ବନ୍ଦର ଜିଲ୍ଲା ଅନ୍ତର୍ଗତ ମୋକାରସାଗରରେ କାର୍ଲି ରିଚାର୍ଜ ଜଳଭଣ୍ଡାରର

ରୂପାନ୍ତରୀକରଣ କରାଯାଇ ଏକ ବିଶ୍ୱସ୍ତରୀୟ ସ୍ଥାୟୀ ଇକୋ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି ।

## ପି.ଏମ୍. - ଧନ୍ୱନ୍ତରୀ ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀରେ ଧନ୍ୱନ୍ତରୀ ଜୟନ୍ତୀ ଏବଂ ନବମ ଆୟୁର୍ବେଦ ଦିବସ ଅବସରରେ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରର ସାମଗ୍ରିକ ବିକାଶ ଉଦ୍ଦେଶ୍ୟରେ କେତେକ କଲ୍ୟାଣକାରୀ ଯୋଜନାର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାକୁ ସମ୍ପ୍ରସାରଣ କରାଯାଇ ଦେଶବ୍ୟାପୀ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ଅନ୍ତର୍ଭୁକ୍ତ କରାଯିବ । ଏହାଛଡ଼ା ମଧ୍ୟପ୍ରଦେଶର ମଣ୍ଡସଉର୍, ନିମୁଚ୍ ଓ ସିଓନୀଠାରେ ୩ଟି ମେଡିକାଲ୍ କଲେଜର ଲୋକାର୍ପଣ କରିବେ । ସେହିଭଳି ହିମାଚଳ ପ୍ରଦେଶର ବିଲାସପୁର, ପଶ୍ଚିମବଙ୍ଗର କଲ୍ୟାଣୀ, ବିହାରର ପାଟନା, ଉତ୍ତର ପ୍ରଦେଶର ଗୋରଖପୁର, ମଧ୍ୟପ୍ରଦେଶର ଭୋପାଳ, ଆସାମର ଗୌହାଟୀ ଏବଂ ନୂଆଦିଲ୍ଲୀସ୍ଥିତ ଏମ୍ସ୍‌ଠାରେ ଜନ ଔଷଧି କେନ୍ଦ୍ର ସହିତ ସମ୍ପ୍ରସାରିତ ସେବାର ଶୁଭାରମ୍ଭ କରିବେ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓଡ଼ିଶାର ବରଗଡ଼ଠାରେ ଏକ କ୍ରିଟିକାଲ୍ କେୟାର୍ ବ୍ଲକ୍‌ର ଉଦ୍‌ଘାଟନ କରିବା ସଂହିତ

ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ମଣିପୁର, ତାମିଲ୍‌ନାଡୁ ଏବଂ ରାଜସ୍ଥାନରେ ୨୧ଟି ଅନୁରୂପ ବ୍ଲକ୍ ଲାଗି ଶିଳାନ୍ୟାସ କରିବେ ।

## ପି.ଏମ୍. - ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଆଭାସୀ ଜରିଆରେ ଦେଶବ୍ୟାପୀ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଦ୍ୱାରା ଅନୁଷ୍ଠିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି  ନବନିଯୁକ୍ତମାନଙ୍କୁ ଦେଶବ୍ୟାପୀ ୪୦ଟି ସ୍ଥାନରେ ନିଯୁକ୍ତିପତ୍ର ଦିଆଯିବ । ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କର ପ୍ରତିଶ୍ରୁତିବଦ୍ଧତା ଏହି ରୋଜଗାର ମେଳାଦ୍ୱାରା ପ୍ରତିଫଳିତ ହୋଇଥାଏ । ଏହି ନବନିଯୁକ୍ତମାନେ କର୍ମଯୋଗୀ ପ୍ରାରମ୍ଭ ଅନ୍‌ଲାଇନ୍ ମୋଡ୍ୟୁଲ୍ ମାଧ୍ୟମରେ ତାଲିମ୍ ନେବାର ସୁଯୋଗ ପାଇବେ । ଏକ ବିକଶିତ ଭାରତ ଗଠନ ଦିଗରେ ସେମାନେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ।

## ନାଭି - ସ୍ୱାବଲମ୍ବନ୍

ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦୀନେଶ କୁମାର ତ୍ରିପାଠୀ ଆଜି ନୂଆଦିଲ୍ଲୀରେ ଭାରତୀୟ ନୌସେନାଦ୍ୱାରା ଆୟୋଜିତ 'ସ୍ୱାବଲମ୍ବନ-୨୦୨୪' କର୍ମଶାଳା ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଆଡ୍‌ମିରାଲ୍ ଶ୍ରୀ ତ୍ରିପାଠୀ ନବସୃଜନତା ଏବଂ ଗବେଷଣା କ୍ଷେତ୍ରରେ ଦେଶର ଯୁବ ଉଦ୍ୟୋଗପତିମାନଙ୍କର ଅବଦାନ ଉପରେ ଆଲୋକପାତ କରିଛନ୍ତି । ନୌବାହିନୀର ନବସୃଜନତା ଏବଂ ସ୍ୱଦେଶୀ ଜ୍ଞାନକୌଶଳ ସମ୍ପର୍କିତ ଏହି କର୍ମଶାଳାରେ ଭାରତୀୟ ବାୟୁସେନା, ସ୍ଥଳସେନା, ତଟରକ୍ଷୀ ବାହିନୀ ଏବଂ ସୀମା ସୁରକ୍ଷା ବଳ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରାୟ ୧୧୫ଟି ଷ୍ଟଲ୍ ସ୍ଥାପନ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ଏହି ସ୍ୱାବଲମ୍ବନ-୨୦୨୪ରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ମୁମ୍ବାଇ - ନୋମିନେସନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ । ଆଜି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ

ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର୍‌ଙ୍କ ସମେତ ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ନିଜ ମନୋନୟନ ପତ୍ର ଦାଖଲ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ସିନ୍ଦେ ଆଜି ତାଙ୍କ ସାଂସଦ ପୁତ୍ର ଶ୍ରୀକାନ୍ତ ସିନ୍ଦେ ଓ ଶିବସେନା ନେତା ପ୍ରତାପ ସାରନାଏକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସହିତ ଏକ ଶୋଭାଯାତ୍ରାରେ ଯାଇ କୋପ୍ରି-ପାଚ୍‌ପାଖାଡ଼ି ବିଧାନସଭା ମଣ୍ଡଳୀ ନିମନ୍ତେ ନିଜର ମନୋନୟନ ପତ୍ର ଦାଖଲ କରିଛନ୍ତି । ସେହିଭଳି ଉପମୁଖ୍ୟମନ୍ତ୍ରୀ ଶ୍ରୀ ପାୱାର ତାଙ୍କର ପାରମ୍ପରିକ ବାରମତୀ ଆସନ ଲାଗି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ତଥା ପୁତୁରା ମହାବିକାଶ ଅଘାଡ଼ି ପ୍ରାର୍ଥୀ ଯୋଗେନ୍ଦ୍ର ପାୱାର ମଧ୍ୟ ଏନ୍.ସି.ପି. (ଏସ୍.ପି.) ମୁଖ୍ୟ ଶରଦ୍ ପାୱାରଙ୍କ ଉପସ୍ଥିତିରେ ବାରମତୀ ଆସନ ନିମନ୍ତେ ନିଜର ମନୋନୟନ ପତ୍ର ଦାଖଲ କରିଛନ୍ତି ।

ସେହିଭଳି କଂଗ୍ରେସ ନେତା ବିଜୟ ୱାଦେତିୱାର ବ୍ରହ୍ମପୁରୀ ଆସନ ଏବଂ ବିଶ୍ୱଜିତ କାଡ଼ାମ୍ ପଲୁଷ-କଡ଼େଗାଓଁ ବିଧାନସଭା ଆସନରୁ ନିଜ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହାଛଡ଼ା ସାଂସଦ ନାରାୟଣ ରାଣେଙ୍କ ପୁଅ ନିଲେଶ ରାଣେ କୁଡ଼ାଲ୍‌ରୁ ଏବଂ ସମ୍ପ୍ରତି ଏନ୍.ସି.ପି.ରେ ଯୋଗ ଦେଇଥିବା ପ୍ରତାପ ଚିଖାଲିକର୍ ଲୋହା-କାନ୍ଧାର୍ ଆସନରୁ, ମହାରାଷ୍ଟ୍ର ନବନିର୍ମାଣ ସେନା ପ୍ରାର୍ଥୀ ତଥା ଦଳର ମୁଖ୍ୟ ରାଜ୍ ଠାକ୍‌ରେଙ୍କ ପୁଅ ଅମିତ୍ ଠାକ୍‌ରେ ମହିମ୍ ବିଧାନସଭା ଆସନ ଲାଗି ନିଜ ନିଜ ମନୋନୟନ ପତ୍ର ଆଜି ଦାଖଲ କରିଛନ୍ତି ।

## ଝାଡ଼ଖଣ୍ଡ - ସ୍କ୍ରୁଟିନୀ

ଝାଡ଼ଖଣ୍ଡ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ମନୋନୟନ ପତ୍ର ଯାଞ୍ଚ୍ ପ୍ରକ୍ରିୟା ଜାରି ରହିଛି । ଏହି ପର୍ଯ୍ୟାୟ ଲାଗି ୮୦୫ ଜଣ ପ୍ରାର୍ଥୀ ନିଜ ନିଜ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଆସନ୍ତା ବୁଧବାର ୩୦ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆସନ୍ତାମାସ ୧୩ ତାରିଖ ଦିନ ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ଆସନ ଲାଗି ଭୋଟ୍‌ଗ୍ରହଣ କରାଯିବ । ନଭେମ୍ବର ୨୩ ତାରିଖରେ ଭୋଟ୍‌ଗଣତି ହେବ । ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରଠାରୁ ଆଜି ସୁଦ୍ଧା ରାଜ୍ୟ ସୁରକ୍ଷା କର୍ମୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫୭ କୋଟି ୬୭ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଅର୍ଥ ସମେତ ଅନେକ ଆପତ୍ତିଜନକ ଜିନିଷ ଜବତ କରାଯାଇଛି । ସେହିଭଳି ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗରେ ଏପର୍ଯ୍ୟନ୍ତ ୧୯ଟି ଏତଲା ରୁଜୁ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ ପବ୍ଲିକ୍ ସ୍ପିକ୍ ଆଜି ରାତି ସାଢ଼େ ୯ଟାରେ ପ୍ରଚାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି

‘ଡେଙ୍ଗୁର କାରଣ, ଲକ୍ଷଣ ଏବଂ ପ୍ରତିକାର’ । ଲେଡି ହାର୍ଡିଙ୍ଗେ ମେଡ଼ିକାଲ କଲେଜର ଭେଷଜ ବିଭାଗର ପ୍ରଫେସର ଡାକ୍ତର ଅନୁପମ ପ୍ରକାଶ ବିଶେଷଜ୍ଞ ଭାବେ ଆଲୋଚନାରେ ଅଂଶ ଗ୍ରହଣ କରିବେ । ରାତି ସାଢ଼େ ୯ଟାରୁ କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ 011-23421050 ଓ 011-23314444 ନମ୍ବରକୁ ଫୋନ୍ କରି ପଚାରିପାରିବେ ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଇସ୍ରାଏଲ୍ - ସିଜ୍‌ଫାୟାର

ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ୍ ଫତାହ-ଏଲ୍-ସିସି’ଙ୍କ ଗାଜା ଷ୍ଟ୍ରିପ୍‌ଠାରେ ଏକ ସ୍ୱଳ୍ପକାଳୀନ ଯୁଦ୍ଧବିରତି ସମ୍ପର୍କିତ ପ୍ରସ୍ତାବକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଗ୍ରାହ୍ୟ କରିଛନ୍ତି । କାଏରୋ’ଠାରେ ଆଲ୍‌ଜେରିଆର ରାଷ୍ଟ୍ରପତି ଆବ୍‌ଦେଲ୍-ମାଦ୍-ଜିଦ୍ ଟେବୋନେ’ଙ୍କ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଇଜିପ୍ଟ ରାଷ୍ଟ୍ରପତି ଶ୍ରୀ ସିସି ଏହି ଘୋଷଣା କରିଥିଲେ । ଏହି ପ୍ରସ୍ତାବ ଅନୁଯାୟୀ ଦୁଇଦିନର ଅସ୍ତ୍ରବିରତି ସମୟରେ ୪ ଜଣ ଇସ୍ରାଏଲ୍ ପଣବନ୍ଦୀ ଏବଂ କେତେକ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିବା

ଲାଗି ଯୋଜନା କରାଯାଇଥିଲା । ଏହାପରେ ଏକ ସ୍ଥାୟୀ ସମାଧାନ ଲାଗି କଥାବାର୍ତ୍ତା କରିବାକୁ ଏହି ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିଲା ।

*****